# ନେପାଳ-ଇଲେକ୍‌ସନ୍

ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଆଜି ପଞ୍ଚମ ପର୍ଯ୍ୟାୟ ଆସ୍ଥା ଭୋଟରେ ତାଙ୍କ ପରାଜୟକୁ ନେଇ ଅନିଶ୍ଚିତତା ମଧ୍ୟରେ ନିର୍ବାଚନରେ ଅବତୀର୍ଣ୍ଣ ହେବେ। ୨୦୦୬ ମସିହାରେ ରାଜନୈତିକ ପରିବର୍ତ୍ତନ ପରେ ମୁଖ୍ୟଧାରାର ରାଜନୀତିରେ ପ୍ରବେଶ କରିଥିବା ପୂର୍ବତନ ମାଓବାଦୀ ବିଦ୍ରୋହୀ ପ୍ରଚଣ୍ଡ ୨୦ ମାସରୁ କମ୍ ସମୟ ମଧ୍ୟରେ ପଞ୍ଚମ ବିଶ୍ୱାସ ମତ ହାସଲ କରିବାକୁ ଚେଷ୍ଟା ଚଳାଇଛନ୍ତି ନେପାଳ ସଂସଦର ପ୍ରମୁଖ ଦଳ-ନେପାଳୀ କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ-ୟୁନିଫାଏଡ୍ ମାର୍କ୍ସବାଦୀ ଲେନିନିଷ୍ଟ୍ ଏବଂ ଜନତା ସମାଜବାଦୀ ପାର୍ଟି ଆଜି ସଂସଦରେ ଉପସ୍ଥାପିତ ହେବାକୁ ଥିବା ବିଶ୍ୱାସ ପ୍ରସ୍ତାବ ବିରୋଧରେ ଭୋଟ୍ ଦେବାକୁ ସେମାନଙ୍କ ସାଂସଦମାନଙ୍କୁ ହ୍ୱିପ୍ ଜାରି କରିଛନ୍ତି। ସଂସଦରେ ଆସନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ଥିବା ନେପାଳର ସର୍ବବୃହତ କମ୍ୟୁନିଷ୍ଟ ପାର୍ଟି ୨୭୫ ଆସନ ବିଶିଷ୍ଟ ସଂସଦରେ ମୋଟ ୭୮ଟି ଭୋଟ୍ ପାଇଛି। ସଂସଦରେ ୮୯ଟି ଆସନ ସହିତ ନେପାଳୀ କଂଗ୍ରେସ ମଧ୍ୟ ଆଜି ଉପସ୍ଥାପିତ ହେବାକୁ ଥିବା ବିଶ୍ୱାସ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେବାକୁ ଏକ ହ୍ୱିପ୍ ଜାରି କରିଛି।

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକ ସମୟରେ ମିଆଁମାରରେ ଗଣତାନ୍ତ୍ରିକ ପରିବର୍ତ୍ତନ ପ୍ରତି ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ଡଃ ଜୟଶଙ୍କର ଦ୍ୱିତୀୟ ବିମ୍‌ଷ୍ଟେକ୍ ବୈଦେଶିକ ମନ୍ତ୍ରୀଙ୍କ ବହୁସ୍ତରୀୟ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ସହକର୍ମୀମାନଙ୍କୁ ସ୍ୱାଗତ କରିଛନ୍ତି। ବିମ୍‌ଷ୍ଟେକ୍ ବୈଦେଶିକ ମନ୍ତ୍ରୀଙ୍କ ରିଟ୍ରିଟ୍‌ର ପ୍ରଥମ ସଂସ୍କରଣ ଜୁଲାଇ ୨୦୨୩ ରେ ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ହୋଇଥିଲା।

## ବାଂଲାଦେଶ-ରିପ୍ରେଜେଣ୍ଟେଟିଭ୍

ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ଭାରତୀୟ ବନ୍ଦରଗୁଡ଼ିକର ପ୍ରଦର୍ଶନର ଆକଳନ କରିବା ଲାଗି ବାଂଲାଦେଶର ଏକ ୧୩ ଜଣିଆ ପ୍ରତିନିଧି ଦଳ ଚଳିତ ମାସ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି। ବାଂଲାଦେଶ ଜାହାଜ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ୍.ଏମ୍. ମୁସ୍ତାଫା କମଲ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି । ପ୍ରତିନିଧି ଦଳରେ ବାଂଲାଦେଶର ପ୍ରମୁଖ ମନ୍ତ୍ରଣାଳୟ ଏବଂ ବନ୍ଦରଗୁଡ଼ିକର ପ୍ରତିନିଧି ସାମିଲ ଅଛନ୍ତି। ସମ୍ପୃକ୍ତ ପ୍ରତିନିଧି ଦଳ ଚେନ୍ନାଇ, କୃଷ୍ଣପଟ୍ଟନମ, ବିଶାଖାପାଟଣା, କୋଲକାତା ଏବଂ ହଳଦିଆ ବନ୍ଦର ପରିଦର୍ଶନ ଏବଂ ମୂଲ୍ୟାଙ୍କନ କରୁଛନ୍ତି।

